# ODM PUBLIC SCHOOL

**SESSION :02**
**CLASS :3**
**SUBJECT : ODIA**
**CHAPTER NUMBER: 04**
**CHAPTER NAME : ହଇଓ ସମୁଦି**
**SUBTOPIC : ଅନୁଚ୍ଛେଦ ଓ କଠିନ ଶବ୍ଦ**

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ ପଠନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP
Changing your Tomorrow

ODM EDUCATIONAL GROUP

# ହାଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଉ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।



ହନୁବଇଦ ତା' ମୁହଁ ଦେଖି ପଚାରିଲା, "କ'ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।" ଗଧିଆ କହିଲା, "କିଛିଦିନ ହେଲା ଜ୍ୱର ହେଉଛି ।" ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, "କ'ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା'ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।"

ହନୁବଇଦ ସବୁଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବାଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଛକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"





ODM EDUCATIONAL GROUP
Changing your Tommorow

## କଠିନ ଶବ୍ଦ

ଦ୍ୱାର-ଦୁଆର

ହନୁ –ମାଙ୍କଡ

ବଇଦ –ଡାକ୍ତର

ସରାଗ –ସ୍ନେହ\ଶ୍ରଦ୍ଧା

ଆଶ୍ୱାସନା –ସାନ୍ତ୍ୱନା\ପ୍ରବୋଧନା

ଦରବ-ଜିନିଷ

ବିଶ୍ୱାସ-ଆସ୍ଥା \ଧାରଣା

ODM EDUCATIONAL GROUP

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

କିଏ ଖଟରେ ଶୋଇଥାଏ ?
ହନୁ ବଇଦର କାହା କଥା ମନେପଡିଲା ?
ଠକ ଠକ ଶବ୍ଦ ଶୁଣି କିଏ ଦ୍ୱାର ଖୋଲିଲା ?
କାହାକୁ ଜ୍ୱର ହୋଇଥିଲା ?
କାହାର ମିଠା ଦୋକାନ ଥିଲା ?
ଗଧିଆ ମିଠା ଦୋକାନରୁ କଣ କଣ ଖାଇଲା ?
ଗଧିଆର ଆଗରୁ କେଉଁ ରୋଗ ଥିଲା ?
କିଏ ଗଧିଆକୁ ଔଷଧ ଦେଲା ?
କାହାର ଔଷଧରେ ଗଧିଆର ଭାରି ବିଶ୍ୱାସ ?
କେଉଁ ପ୍ରକାରର ଦରବ ଖାଇବା ଉଚିତ ନୁହେଁ ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## କଠିନ ଶବ୍ଦ ଗୁଡିକ ମନେରଖ |



ODM EDUCATIONAL GROUP

## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

**THANKING YOU**

**ODM EDUCATIONAL GROUP**